ସ୍ୱାଗତଂ ଓଡ଼ିଶା

ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୫ | ସଂଖ୍ୟା-୩୬୨ | ଗୁରୁବାର | ୨୦ ମାର୍ଚ୍ଚ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-5 | Issue-362 | Thursday | 20 March 2025 | Bhubaneswar | Pages-8 | Rs. 2.00

କ୍ରୁ-୯ ମହାକାଶଚାରୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୩ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କ ସମେତ କ୍ରୁ-୯ ମହାକାଶଚାରୀଙ୍କ ସୁରକ୍ଷିତ ପୃଥବୀ ପ୍ରତ୍ୟାବର୍ତ୍ତନକୁ ନେଇ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ମୋଦି କ୍ରୁ-୯ ମହାକାଶ ଯାତ୍ରୀଙ୍କ ସାହସ, ଦୃଢ ସଂକଳ୍ପ ଏବଂ ମହାକାଶ ଅନ୍ୱେଷଣରେ ସେମାନଙ୍କର ଯୋଗଦାନକୁ ପ୍ରଶଂସା କରିଛନ୍ତି। ଶ୍ରୀ ମୋଦି କହିଛନ୍ତି ଯେ ମହାକାଶ ଅନ୍ୱେଷଣର ଅର୍ଥ ହେଉଛି ମାନବ ସାମର୍ଥ୍ୟର ସୀମାକୁ ଆଗକୁ ବଢ଼ାଇବା, ସ୍ୱପ୍ନ ଦେଖିବା ଏବଂ ସେହି ସ୍ୱପ୍ନଗୁଡ଼ିକୁ ବାସ୍ତବତାରେ ପରିଣତ କରିବାର ସାହସ ରଖିବା। ସୁନୀତା ୱିଲିୟମ୍ସ ଜଣେ ପଥପ୍ରଦର୍ଶକ ଏବଂ ଆଦର୍ଶ ରୂପେ ନିଜ କ୍ୟାରିୟରରେ ଏହି ଭାବନାର ଚମତ୍କାର ଉଦାହରଣ ଦେଇଛନ୍ତି। ଏକ୍ସରେ ନିଜର ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, କ୍ରୁ-୯ ଆପଣମାନଙ୍କୁ ସ୍ୱାଗତ, ପୃଥିବୀବାସୀ ଆପଣଙ୍କୁ ଅପେକ୍ଷା କରି ରହିଥିଲେ। ଏହା ସେମାନଙ୍କର ଧୈର୍ଯ୍ୟ, ସାହସ ଏବଂ ଅସୀମ ମାନବୀୟ ଭାବନାର ଏକ ପରୀକ୍ଷା ରହିଥିଲା। ଅଧ୍ୟବସାୟର ବାସ୍ତବ ଅର୍ଥ କ'ଣ ତାହା ସୁନୀତା ୱିଲିୟମ୍ସ ଏବଂ କ୍ରୁ-୯ ମହାକାଶଚାରୀମାନେ ପୁଣିଥରେ ଆମକୁ ପ୍ରମାଣିତ କରି ଦେଖାଇଛନ୍ତି। ବିଶାଳ ଅଜ୍ଞାତ ବିଷୟ ସାମ୍ନାରେ ସେମାନଙ୍କର ଅବିଚଳିତ ଦୃଢ଼ସଂକଳ୍ପ ସବୁବେଳେ ଅଗଣିତ ଲୋକଙ୍କୁ ପ୍ରେରଣା ଯୋଗାଇଦେବ। ମହାକାଶ ଅନ୍ୱେଷଣର ଅର୍ଥ ମାନବୀୟ • ପୃଷ୍ଠା ୭ ଦେଖନ୍ତୁ...

ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ

ପୁରୀ, ୧୯।୩ (ଡିକେ ନ୍ୟୁଜ): ଚୈତ୍ର କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀ ମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦତ୍ତମହାପାତ୍ର ସେବକମାନେ ଶ୍ରୀଜିଉମାନଙ୍କ ବନକଲଗି (ଶ୍ରୀମୁଖ ଶୃଙ୍ଗାର) କରିଛନ୍ତି। ବୁଧବାର ଭୋର ୫ଟା ୩୦ରେ ଶ୍ରୀମନ୍ଦିରର ଦ୍ୱାର ଫିଟିଥିଲା। ୬ଟା ୨୦ରେ ଭିତରଶୋଧ ପରେ ସକାଳ ୬ଟା୩୦ରେ ହୋଇଥିଲା ମଙ୍ଗଳ ଆଳତି। ପରେ ପରେ ମଇଲମ, ତଡ଼ପ ଲାଗି, ରୋଷହୋମ ଆଦି ନୀତି ପରେ ଦିନ ୯ଟା ୨୫ସୁଦ୍ଧା ଶେଷ ହୋଇଥିଲା ଗୋପାଳ ବଲ୍ଲଭ ପୂଜା। ଦିନ ୧୦ଟା ୫୫ ସୁଦ୍ଧା ସକାଳ ଧୂପ, ମଧ୍ୟାହ୍ନ ୨ଟା ୫୫ ସୁଦ୍ଧା ମଧ୍ୟାହ୍ନ ଧୂପ ଆଦି ପାରମ୍ପରିକ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୪ଟା ୨୫ ସୁଦ୍ଧା ଦ୍ୱିତୀୟ ଭୋଗମଣ୍ଡପ ପୂଜା ଶେଷ ହେବା ପରେ ଗଭା ମଇଲମ, ତଡ଼ପ ଲାଗି କରାଯାଇ ହୋଇଥିଲା ପହୁଡ଼ ଆଳତି। ଏହା ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା ଓ ସନ୍ଧ୍ୟା ୫ଟା ୨୫ରେ ବନକଲାଗି ପାଇଁ ଦତ୍ତ ପ୍ରବେଶ କରିଥିଲେ। ହେଙ୍ଗୁଳ, ହରିତାଳ, କର୍ପୁର, କସ୍ତୁରୀ ଓ ପ୍ରାକୃତିକ କଳା ବ୍ୟାବହାର କରି ଦତ୍ତମହାପାତ୍ର ସେବକମାନେ ରତ୍ନସିଂହାସନରେ ବିରାଜମାନ କରୁଥିବା ଶ୍ରୀଜିଉମାନଙ୍କ ବନକଲଗି (ଶ୍ରୀମୁଖ ଶୃଙ୍ଗାର)କରିଥିଲେ। ଜୟ ବିଜୟ ଦ୍ୱାର ବନ୍ଦ ହେବା ଠାରୁ ଏହି ନୀତି ଶେଷ ହେବା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ବନକଲାଗି ଶେଷକରି ଦତ୍ତମହାପାତ୍ର ସେବକମାନେ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ଏହାପରେ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ବଡ଼ସିଂହାର ବେଶ, ବଡସିଂହାର ଭୋଗ ଓ ରାତ୍ର ପହୁଡ଼ ହୋଇଥିଲା।

ଆସିଲା ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତର ବିବରଣୀ

ଭୁବନେଶ୍ୱର, ୧୯।୩ (ଡିକେ ନ୍ୟୁଜ୍): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆସନ୍ତା ମାର୍ଚ୍ଚ ୨୪ ଓ ୨୫ ତାରିଖରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ମାର୍ଚ୍ଚ ୨୪ ତାରିଖ ଦିନ ୧୨.୩୦ରେ ବାୟୁସେବା ବିମାନ ଯୋଗେ ସ୍ୱାମୀ ବିବେକାନନ୍ଦ ବିମାନ ବନ୍ଦର, ରାୟପୁର, ଛତିଶଗଡ଼ରୁ ବାହାରି ଦିନ ୧.୩୦ ମିନିଟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଁଚିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ମନ୍ଦିର ନିକଟସ୍ଥ ହେଲିପ୍ୟାଡରେ ଅବତରଣ କରି ସଡ଼କ ପଥରେ କଣ୍ଟିଲୋ ସ୍ଥିତ ଅତିଥି ଭବନରେ ସାମୟିକ ବିଶ୍ରାମ କରିବେ। ପରେ ପରେ ସେଦିନ ସେ ଅପରାହ୍ନ ୩.୦୫ ମି. ସମୟରେ ପ୍ରଭୁ ନୀଳମାଧବ ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିବେ। ପରେ ପରେ ରାଷ୍ଟ୍ରପତି ଅପରାହ୍ନ ୩.୩୫ ସମୟରେ ନୟାଗଡ଼ର କାଳିଆପଲ୍ଲୀ ଠାରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେବେ। ଏହା ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ରାଜଭବନରେ ରାତ୍ରି ରହଣୀ କରିବେ ଏବଂ ତହିଁ ପରଦିନ ୨୫ ତାରିଖ ସକାଳେ ବାୟୁସେବା ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

୫୧ ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ଦେଖା ଆରମ୍ଭ

ଭୁବନେଶ୍ୱର, ୧୯।୩ (ଡିକେ ନ୍ୟୁଜ୍): ମାଟ୍ରିକ ପରୀକ୍ଷା ଖାତା ଦେଖା ଆରମ୍ଭ। ରାଜ୍ୟର ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ୧୧ହଜାର ୮ଶହ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ହୋଇଛନ୍ତି। ପ୍ରତି ମୂଲ୍ୟାୟନ କେନ୍ଦ୍ରରେ ୧୦ଜଣ ଲେଖାଏଁ ମୂଲ୍ୟାୟନକାରୀଙ୍କୁ ରିଜର୍ଭରେ ରଖାଯାଇଛି। ସୂଚନାନୁଯାୟୀ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୫ ଲକ୍ଷ ୨୨ ହଜାର ୩୩୬ ଜଣ ପରୀକ୍ଷାର୍ଥୀ ଫର୍ମ ଫିଲପ କରିଥିଲେ। ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ହୋଇଥିଲା। ଗତ ମାସ ୨୧ ତାରିଖରୁ ପରୀକ୍ଷା ଆରମ୍ଭ ହୋଇଥିଲା। ଯାହା ଚଳିତ ମାସ ୬ ତାରିଖରେ ଶେଷ ହୋଇଛି। ବୋର୍ଡର ପୂର୍ବ ନିଷ୍ପତ୍ତି ମୁତାବକ ବୁଧବାରଠାରୁ ମୂଲ୍ୟାୟନ କାମ ଆରମ୍ଭ ହୋଇଛି। ଯାହା ତ୍ରୁଟିଶୂନ୍ୟ ଭାବେ କରିବା ଲାଗି ସମସ୍ତ ବନ୍ଦୋବସ୍ତ କରାଯାଇଛି। ତେବେ ବିଜ୍ଞାନ ପରୀକ୍ଷା ବେଳେ ସି'ସେଟ୍ ସବଜେକଟିଭରେ ୪ ନମ୍ବର ମିସ୍ପ୍ରିଣ୍ଟ ରହିଥିଲା। ଯାହା ଉପରେ ଗ୍ରେସ୍ ମାର୍କ ମିଳିବ କି ନାହିଁ ତାହା ଏଯାଏଁ ସ୍ଥିର ହୋଇନି। ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ପରିଷଦର କଣ୍ଡକ୍ଟ କମିଟି ନିଷ୍ପତ୍ତି ନେବ ବୋଲି ପୂର୍ବରୁ କୁହାଯାଇଛି। ଉକ୍ତ ନିର୍ଦ୍ଦେଶନାମା ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଖାତା ଦେଖା କାର୍ଯ୍ୟରେ ନିୟୋଜିତ ଶିକ୍ଷକ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବ ଦାସଙ୍କ ପରିବାର

ପ୍ରକୃତ ଦୋଷୀକୁ ଧରାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୩ (ଡିକେ ନ୍ୟୁଜ୍): ଦୀର୍ଘ ପ୍ରାୟ ଦୁଇବର୍ଷ ପରେ ତତକାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲା ନୂଆମୋଡ଼ ନେଇଛି। କ୍ରାଇମବ୍ରାଞ୍ଚ ତଦନ୍ତରେ ସନ୍ତୁଷ୍ଟ ନହୋଇ ନବଙ୍କ ପରିବାର ସଦସ୍ୟମାନେ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ପରେ ହତ୍ୟାକାଣ୍ଡ ଘଟଣାର ସାନି ତଦନ୍ତ ହେବା ଏକରକମ ସ୍ପଷ୍ଟ ହୋଇଯାଇଛି। କ୍ରାଇମବ୍ରାଞ୍ଚର ଅଧିକାରୀମାନେ ଝାରସୁଗୁଡ଼ା ଯାଇ ପୁଣିଥରେ ଏହି ମାମଲାରେ ବିଭିନ୍ନ ବ୍ୟକ୍ତିମାନଙ୍କ ବୟାନ ରେକର୍ଡ କରିବା ପରେ ରାଜ୍ୟ ସରକାର ମାମଲାକୁ ସିବିଆଇ କିମ୍ବା ଅନ୍ୟ କୌଣସି ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ କରାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦିଓ ନବଙ୍କ ପରିବାର ସଦସ୍ୟ ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛୁ ବୋଲି ଦାବି କରିଛନ୍ତି। ନବଙ୍କ ହତ୍ୟା ମାମଲାର ସାନି ତଦନ୍ତ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ପାଇଁ ଅଡୁଆ ବଢାଇ ଦେଇଛି। ବିଜେଡି ସରକାର ସମୟରେ ନବ ଦାସଙ୍କ ହତ୍ୟା ମାମଲା ସହ ଜଡ଼ିତ ବିଭିନ୍ନ ଦିଗକୁ ଚପାଇ ଦିଆଯାଇଥିଲା। ଏପରି କି ପୋଲିସ ଅଫିସର ଗୋପାଳ ଦାସ କେଉଁ କାରଣରୁ ନବଙ୍କୁ ହତ୍ୟା କରିଛି ସେସମ୍ପର୍କରେ କ୍ରାଇମବ୍ରାଞ୍ଚ ନିଜର ଚାର୍ଜସିଟରେ କିଛିବି ତଥ୍ୟ ଉଜାଗର କରିବାରେ ଏପର୍ଯ୍ୟନ୍ତ ସକ୍ଷମ ହୋଇନଥିବାରୁ ମାମଲା ତଦନ୍ତ ନୂଆମୋଡ଼ ନେବା ପ୍ରାୟତଃ ସ୍ପଷ୍ଟ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁସାରେ, ନବଙ୍କ ପତ୍ନୀ ମିନତୀ ଦାସ ତାଙ୍କ ପୁଅ ବିଶାଳ ଦାସ ଓ ଝିଅ ଦୀପାଳି ଦାସଙ୍କ ସହ ଲୋକସେବା ଭବନ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଆଲୋଚନାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏହି ଘଟଣାରେ ସରକାର ସବୁଦିଗକୁ ପୁଣିଥରେ ତନ୍ନତନ୍ନ କରି ପରୀକ୍ଷା କରିବେ ଓ ପ୍ରକୃତ ଦୋଷୀଙ୍କୁ ଖୋଜି ବାହାର କରିବେ। ଆଇନର ମର୍ଯ୍ୟାଦା ମଧ୍ୟରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସେମାନଙ୍କୁ ଭରସା ଦେଇଛନ୍ତି। ପ୍ରକୃତ ଦୋଷୀଙ୍କୁ ଆଇନ ଅନୁସାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ ବୋଲି କହିଛନ୍ତି। ଏହାସହିତ ତଦନ୍ତକାରୀ ସଂସ୍ଥାକୁ ସବୁପ୍ରକାରର ସହଯୋଗ କରିବାକୁ ମଧ୍ୟ ସେ ନବଙ୍କ ପରବାର ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି। ତାଙ୍କ ସରକାର ନ୍ୟାୟ ସପକ୍ଷରେ ଅଛନ୍ତି ଓ ବ୍ୟକ୍ତିଗତ ଭାବେ ଯେକୌଣସି ସମୟରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଅବଗତ କରାଇ ପାରିବେ ବୋଲି ଶ୍ରୀ ମାଝୀ କହିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ସାକ୍ଷାତକାର ପରେ ଦୀପାଳି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆଜି ସପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲୁ। ପରିବାର ପକ୍ଷରୁ ସିବିଆଇ ତଦନ୍ତ ନିମନ୍ତେ ଦାବି କଲୁ। ଆମର ଆଶା ଓ ବିଶ୍ୱାସ ମୁଖ୍ୟମନ୍ତ୍ରୀ ନିରପେକ୍ଷ ତଦନ୍ତ କରିବେ। ମୁଖ୍ୟମନ୍ତ୍ରୀ ମଧ୍ୟ ଆମକୁ ସେଭଳି ବିଶ୍ୱାସ ଦେଇଛନ୍ତି। ଆଉ ଆମ ପରିବରର ସୁରକ୍ଷା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛୁ। ମୁଖ୍ୟମନ୍ତ୍ରୀଙ୍କୁ ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ଜଣାଇଥିବା ଦୀପାଳି କହିଛନ୍ତି। ଆଜିର ଏହି ଆଲୋଚନାବେଳେ ପୋଲିସ ଡିଜି ୱାଇବି ଖୁରାନିଆ ଓ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ • ପୃଷ୍ଠା ୭ ଦେଖନ୍ତୁ...

ଏପ୍ରିଲ ୨ରୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୧୯।୩ (ଡିକେ ନ୍ୟୁଜ୍): ରାଜ୍ୟରେ ବଢୁଥିବା ରୌଦ୍ରତାପକୁ ଦୃଷ୍ଟିରେ ରଖି ସରକାର ରାଜ୍ୟରେ ସ୍କୁଲଗୁଡ଼ିକୁ ସକାଳୁଆ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଆସନ୍ତା ଏପ୍ରିଲ ୨ରୁ ଲାଗୁ ହେବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ସମୟ ସାରଣୀ ପ୍ରକାଶ କରାଯାଇନାହିଁ। ଏହି ସପ୍ତାହ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସନ୍ଧ୍ୟାରେ ଲୋକସେବା ଭବନଠାରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ନିଆଯାଉଥିବା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ସମସ୍ତ ଜିଲ୍ଲାପାଳ ଓ ଉପସ୍ଥିତ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆଗୁଆ ଆସିଛି। ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ଅଧିକ ରହୁଛି। ଯଦିଓ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଗାମୀ ଦିନରେ ତାପମାତ୍ରା କମିବ, ତେବେ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡିବ। ସରକାରୀ ସ୍ତରରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଯାହା ଏସ୍‌ଓପି ଜାରି କରାଯାଇଛି, ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକସ୍ଥଳେ ଏସ୍‌ଓପି ବାହାରେ ମଧ୍ୟ କାମ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଜିରୋ କାଜୁଆଲଟି ଲକ୍ଷ୍ୟ ରଖି ସମସ୍ତେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଅଂଶୁଘାତର ମୁକାବିଲା ପାଇଁ ଛାଇ ଓ ପାଣି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସହରାଞ୍ଚଳରେ ଟ୍ରାଫିକ ଛକ ଏବଂ ଗ୍ରାମାଞ୍ଚଳରେ ବସ୍‌ଷ୍ଟାଣ୍ଡ ଗୁଡିକରେ ଛାଇ ପାଇଁ ଟେଣ୍ଟ ବ୍ୟବସ୍ଥା ଓ ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ସମସ୍ତେ ଯତ୍ନବାନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଗତ ଦିନରେ ସଚେତନତାମୂଳକ ପ୍ରଚାର ପ୍ରସାର ଜରିଆରେ ଆମେ ସଫଳତା ପାଇଛୁ। ତେଣୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଟିଭି, ରେଡିଓ, ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟରେ କାଳବୈଶାଖୀ ସମ୍ଭାବନା, ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୯।୩ (ଡିକେ ନ୍ୟୁଜ୍) : ଗୁରୁବାରଠାରୁ ରାଜ୍ୟରେ କାଳବୈଶାଖୀ। ଏହାର ପ୍ରଭାବରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ାରେ ଘଡ଼ଘଡ଼ି ସହ ବର୍ଷା ହେବ। ଏସବୁ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ୪୦ରୁ ୫୦ କିମି ବେଗରେ ପବନ ବି ବହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୁରୁବାର ସୁନ୍ଦରଗଡ଼, ଯାଜପୁର, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ଅନୁଗୁଳ ଓ ଦେବଗଡ଼ରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ି ବର୍ଷା ହୋଇପାରେ। ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଝାରସୁଗୁଡ଼ା, ସମ୍ବଲପୁର, • ପୃଷ୍ଠା ୭ ଦେଖନ୍ତୁ...

ଗଳିରେ କ୍ରିକେଟ ଖେଳିଲେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୩ (ହି.ସ): ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଭାରତ ଗସ୍ତରେ ଅଛନ୍ତି। ଏହି ସମୟରେ, ସେ ଦିଲ୍ଲୀରେ ପିଲାମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରୁଥିବାର ଦେଖାଯାଇଥିଲା। ତାଙ୍କୁ ଦିଲ୍ଲୀରେ ପିଲାମାନଙ୍କ ସହିତ କ୍ରିକେଟ ଖେଳୁଥିବାର ଦେଖାଯାଇଥିଲା, ଯାହା କ୍ରିକେଟ ଖେଳ ପ୍ରତି ଥିବା ତାଙ୍କର ପ୍ରେମକୁ ଦର୍ଶାଏ। କେବଳ ପିଏମ ଲକ୍ସନ ନୁହେଁ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ରସ ଟେଲରଙ୍କୁ ମଧ୍ୟ ପିଲାମାନଙ୍କ ସହିତ ରାସ୍ତାରେ କ୍ରିକେଟ ଖେଳିବାର ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଖ୍ରୀଷ୍ଟମାସ ଦିନ କ୍ରିକେଟ ଖେଳୁଥିବାର ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ଆମର କ୍ରିକେଟ ପ୍ରେମ ବ୍ୟତୀତ ନ୍ୟୁଜିଲାଣ୍ଡ ଏବଂ ଭାରତକୁ ଆଉ କିଛି ଯୋଡି ନପାରେ।' ପ୍ରଧାନମନ୍ତ୍ରୀ ଲକ୍ସନ ୧୬ରୁ ୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତରେ ରହିବେ। ଏହି ସମୟ ମଧ୍ୟରେ ସେ ଭାରତୀୟ ନେତାମାନଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିବେ। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ ସମୟରେ, ଲକ୍ସନ ମଧ୍ୟ ମଜାରେ ଦୁଇ ଦେଶ ମଧ୍ୟରେ କ୍ରିକେଟ ମ୍ୟାଚ ବିଷୟରେ କହିଥିଲେ ଏବଂ ଏହାକୁ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଆଇସିସି ପୁରୁଷ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ସମାନ ମ୍ୟାଚ ବିଷୟରେ ଉଲ୍ଲେଖ କରି ପିଏମ ଲକ୍ସନ କହିଛନ୍ତି, • ପୃଷ୍ଠା ୭ ଦେଖନ୍ତୁ...

ଦୀର୍ଘ ୯ ମାସ ଅପେକ୍ଷାର ଅନ୍ତ

ମହାକାଶରୁ ଫେରିଲେ ସୁନୀତା, ଫ୍ଲୋରିଡା ତଟରେ ଅବତରଣ କଲା ଡ୍ରାଗନ୍

ନୂଆଦିଲ୍ଲୀ, ୧୯।୩ (ହି.ସ): ଦୀର୍ଘ ଦିନର ଅପେକ୍ଷାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ। ସବୁ ଆଶା- ଆଶଙ୍କାର ଘଟିଲା ଅନ୍ତ। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଫସିଥିବା ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ତିନି ସାଥୀଙ୍କ ସହ ପୃଥିବୀପୃଷ୍ଠରେ ଅବତରଣ କରିଛନ୍ତି। ମହାକାଶଯାନ ସ୍ପେସ୍ ଷ୍ଟେସନରୁ ଅନଡକ୍ ବା ଅଲଗା ହୋଇ ପୃଥିବୀକୁ ଫେରିଛି। ଏହି ମହାକାଶଯାନ ବୁଧବାର ଭୋର୍ ୩ଟା ୨୭ ମିନିଟ (ଭାରତୀୟ ସମୟ)ରେ ଫ୍ଲୋରିଡ଼ା ତଟରେ ଅବତରଣ କରିଛି। ସୁନୀତାଙ୍କ ପ୍ରତ୍ୟାବର୍ତ୍ତନରେ ବିଶ୍ୱବ୍ୟାପୀ ଖୁସିର ଲହରୀ ଖେଳିଯାଇଛି। ଦୀର୍ଘ ୯ ମାସରୁ ଉର୍ଦ୍ଧ୍ୱ ସମୟ ଧରି ମହାକାଶରେ ଫସିରହିବା ପରେ ସୁନୀତା ଓ ବୁଚ୍ ୱିଲମୋର ପୃଥିବୀକୁ ଫେରିଛନ୍ତି। କ୍ରୁ-୯ ମିଶନର ଡ୍ରାଗନ୍ ମହାକାଶଯାନରେ ଉଭୟଙ୍କ ସହ ଆଉ ୨ ଜଣ ମହାକାଶଚାରୀ ପୃଥିବୀକୁ ଫେରିଛନ୍ତି। ଏହି ଭିଡିଓ ନାସା ସେୟାର କରିଛି। ମହାକାଶଚାରୀଙ୍କ ଫେରିବା ପରେ ନାସା ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି। ନାସା କହିଛି ଯେ, ସମସ୍ତ ମହାକାଶଚାରୀ ସୁରକ୍ଷିତ ଭାବରେ ପୃଥିବୀକୁ ଫେରି ଆସିଛନ୍ତି। ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ତାଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯିବ। ତଟରକ୍ଷୀ ବାହିନୀ ସେମାନଙ୍କ କାମ ଖୁବ୍ ଭଲ ଭାବରେ କରିଛନ୍ତି। ସଫଳ ପ୍ରତ୍ୟାବର୍ତ୍ତନ ପରେ, ସ୍ପେସଏକ୍ସ ମାଲିକ ଏଲନ ମସ୍କ ମଧ୍ୟ ଅଭିନନ୍ଦନ • ପୃଷ୍ଠା ୭ ଦେଖନ୍ତୁ...